# Akashvani, Sambalpur

## SAMBALPURI NEWS BULLETIN

### 13 December 2024- 6.47- 6.52 am.

*************************************************

ନିଯୁକ୍ତି ମେଳା ଆର୍ଏନ୍ୟୁ / ସମ୍ବଲପୁର

ଭୁବ୍ନେଶ୍ୱର୍ ଲୋକ୍ସଭା ଭବନ୍ର କନ୍ଭେନ୍ସନ୍ ସେଂଟର୍ ଠାନେ ଆଏଜ୍ ନିଯୁକ୍ତି ମେଳା ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସଖାଲର୍ ସାଢ଼େ ୧୦ ବଜେ ୮୫ ଝନ୍ ହୋମିଓପାଥି ମେଡ଼ିକାଲ୍ ଅଫିସର୍, ୨ ଶହ ୩୯ ଝନ୍ ରେଡ଼ିଓ ଗ୍ରାଫର୍ ଆର୍ ଉଚ୍ଚଶିକ୍ଷା ବିଭାଗ୍ର ୫୨ ଝନ୍ ନୂଆଁ କରି ନିଯୁକ୍ତି ପାଇଥିବା ଅଧ୍ୟାପକଙ୍କୁ ନିଯୁକ୍ତିପତ୍ର ଦେବେ ବଲି ଉଚ୍ଚଶିକ୍ଷା ବିଭାଗ୍ ଆଉ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍ଫୁ କୁହାଯାଇଛେ ।

ନର୍ସିଂ କଲେଜ୍ ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟର୍ କୋରାପୁଟ୍, ବଲାଙ୍ଗିର୍, ପୁରୀ, ବାଲେଶ୍ୱର୍, ଯାଜ୍ପୁର୍, ଅନୁଗୁଲ୍ ଆର୍ ମୟୁର୍ଭଞ୍ଜ୍ ନ ନର୍ସିଂ କଲେଜ୍

ଖୁଲ୍‌ବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ଇସବୁ ନର୍ସିଂ କଲେଜ୍‌ର ଶିଲାନ୍ୟାସ୍ କର୍‌ବେ । ଫିʼ କଲେ୍‌ଜ୍ ଲାଗି ୧୦ କୋଟି କରି ମୋଟ୍ ୭୦ କୋଟି ଟଙ୍କାର୍ ବଜେଟ୍‌ଥି ବ୍ୟବସ୍ଥା କରାଯାଇଛେ । ଇ ସବୁ କଲେଜ୍ ମାନ୍‌କେ ଫିʼ ବଛର୍ ୬୦ ଝନ୍ ଲେଖା ଛାତ୍ରଛାତ୍ରୀ ନାଁଲେଖାବାର୍ ସୁଯୋଗ୍ ପାଏବେ । ଆଉ ଇସବୁ କଲେଜ୍‌ନୁ ଫିʼ ବଛର୍‌ର୍ ୪ ଶହ ୨୦ ଝନ୍ ଛାତ୍ରଛାତ୍ରୀ ପାସ୍ କର୍‌ବେ ।

ସ୍ୱଛତାର୍ ପ୍ରସାର୍ ଆର୍ ସହରୀ ବିକାଶ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱାଧୀନ କେନ୍ଦ୍ର ସର୍‌କାର୍‌ଙ୍କର୍ ୩ ନମ୍ବର୍ ପାଲିର୍ ପହେଲା ୬ ମାସ୍ ଭିତ୍‌ରେ ଦେଶର୍ ସ୍ୱଛତାର୍ ପ୍ରସାର୍ ଆର୍ ସହରୀ ବିକାଶ୍ ଲାଗି ଭିନ୍ ଭିନ୍ କ୍ଷେତ୍ର ନ ନିଆଯାଇଥିବାର୍ ପଦକ୍ଷେପ୍ ବାବ୍‌ଦେ କେନ୍ଦ୍ର ଶିକ୍ଷା ଆଉ ଉତର୍‌ପୂର୍ବାଂଚଲ୍ ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର୍ କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ଗଲାକାଏଲ୍ ଗଣମାଧ୍ୟମ୍‌କେ ବିବୃତି ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ମଜୁମଦାର୍ କହିଛନ୍ ଯେ, କେନ୍ଦ୍ର ସର୍‌କାର୍ ସେପ୍ଟେମ୍ବର୍ ୧୫ ନୁ ଅକ୍ଟୋବର୍ ୨ ତାରିଖ୍‌ତକ୍ 'ସ୍ୱଭାବ୍ ସ୍ୱଛତା- ସଂସ୍କାର୍ ସ୍ୱଛତା' ନେଇକରି ସମ୍ପୂର୍ଣ୍ଣ ଅଭିଯାନ୍ ମୁଲ୍

କରିଥିଲେ । ଇଥି  ଜନଭାଗିଦାରୀ ବଢ଼ାବାର୍ ଲାଗି ଇ ବଛର୍ ୧୭ ଲାଖ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଥିଲା ବଲି ଶ୍ରୀ ମଜୁମଦାର୍ କହିଛନ୍ ।

କଙ୍କଡ଼ା ଜଳ ଚାଷ୍        I&PR

ଭାରତୀୟ ଉପକୂଳ ସମୁଦାୟ -ଇସିଆର୍ଆଇସିସି ପ୍ରକଳ୍ପର୍ ରାଜ୍ୟ ପରିଚାଳନା ୟୁନିଟ୍ ତର୍ଫୁ ଭୁବ୍ନେଶ୍ୱର୍ର ରାଜ୍ୟ ଗ୍ରାମ୍ୟ ଉନ୍ନୟନ୍ ପ୍ରତିଷ୍ଠାନ୍ ଏସ୍ଆଇଆର୍ଡି ନ ଗଲାକାଏଲ୍ କଙ୍କଡ଼ା ଚାଷ୍ କରୁଥିବା ଚାଷୀ ଆଉ ରପ୍ତାନୀକାରୀମାନ୍କର୍ ସମ୍ମିଳନୀ ହେଇଯାଇଛେ । ଇସିଆର୍ଆଇସିସି ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ୍ ପ୍ରେମ୍ କୁମାର୍ ଝା ସମ୍ମିଳନୀକେ ଉଦ୍ଘାଟନ୍ କରିକରି ରାଏଜେ ମାଛ୍ ଚାଷ୍ କ୍ଷେତ୍ରକେ ବର୍କସ୍ କର୍ବାର୍ଥି କଙ୍କଡ଼ା ଚାଷ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ବାବ୍ଦେ ଆଲୋକପାତ କରିଥିଲେ । ଉପକୂଳ ଇଲାକା ନ ସ୍ଥାନୀୟ ଗୋଷ୍ଠୀ ସମୁଦାୟ ଆଉ ଆୟ ଲାଗି ସ୍ଥାୟୀ ଉତ୍ସ ହେବାର୍ଥି ସୁନିଶ୍ଚିତ୍ କର୍ବାର୍ ବାବ୍ଦେ ଆଲୋଚନା କରାଯାଇଥିଲା । ଇନ ଜନେଇ ଦିଆଯାଇପାରେ ଯେ, କେନ୍ଦ୍ର ସର୍କାର୍ଙ୍କର୍ ପରିବେଶ୍, ଜଙ୍ଗଲ୍ ଆଉ ଜଳବାୟୁ ପରିବର୍ତ୍ତନ୍ ମନ୍ତ୍ରଣାଳୟର୍ ଦେଖିରେଖି ରାଜ୍ୟ ସର୍କାର୍ଙ୍କର୍

ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ବିଭାଗ୍ ତର୍‌ଫୁ ରାଜ୍ୟର୍ ପୁରୀ, ଗଞ୍ଜାମ୍, କେନ୍ଦ୍ରାପଡ଼ା ଆଉ ବାଲେଶ୍ୱର୍ ଜିଲ୍ଲାର୍ ୭ ଟା ଇଲାକା ନ ଇ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛେ ।

ଡି. ଗୁକେଶ୍- ବିଶ୍ୱ ଚେସ୍ ଚମ୍ପିଆନ୍       ଆର୍‌ଏନ୍‌ୟୁ /ସମ୍ବଲପୁର

ଭାରତ୍‌ର ଦୋମାରାଜୁ ବୁକେଶ୍ ନୂଆଁ ବିଶ୍ୱ ଚେସ୍ ଚମ୍ପିଆନ୍ ହେଇଛନ୍ । ଗଲାକାଏଲ୍ ସିଙ୍ଗାପୁର୍ ନ ଖେଲାଯାଇଥିବା ବିଶ୍ୱ ଚମ୍ପିଆନ୍‌ସିପ୍‌ର ଶେଷ୍ ରାଉଣ୍ଡ୍‌ଥି ଭାରତୀୟ ଗ୍ରାଣ୍ଡ ମାଷ୍ଟର୍ ଗୁକେଶ୍ ଗଲାବଛର୍‌ର ଚମ୍ପିଆନ୍ ଚୀନ୍‌ର ଡିଙ୍ଗ ଲିରେନ୍‌ଙ୍କୁ ହରେଇକରି ବିଶ୍ୱ ବିଜେତା ହେଇଛନ୍ । ଚେନ୍ନାଇର ୧୮ ବଛର୍ ବୟସ୍କ ଗୁକେଶ୍ ସବୁନୁ ସାନ୍ ବିଶ୍ୱ ଚମ୍ପିଆନ୍ ହେଇଛନ୍ । ଡି. ଗୁକେଶ୍ ବିଶ୍ୱ ଚମ୍ପିଆନ୍ ହେଇଥିବାର୍‌ନୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ୍ ଜନେଇଛନ୍ ।

ହକି ଇଣ୍ଡିଆ ଲିଗ୍- ଦୂର୍‌ଦର୍ଶନ୍       ଆର୍‌ଏନ୍‌ୟୁ /ସମ୍ବଲପୁର

‘ହକି ଇଣ୍ଡିଆ କା ଗେମ୍’ ହକିକେ ରାଷ୍ଟ୍ରବ୍ୟାପୀ ଉତ୍ସବ୍‌ଥି ପରିବର୍ତ୍ତନ୍ କର୍‌ବାର୍ ସହେତେ ଘରେ ଘରେ ପରିଚିତ କର୍‌ବାର୍ ଲାଗି ଦେଶର୍ ରାଷ୍ଟ୍ରୀୟ ପ୍ରସାରକ ଦୂରଦର୍ଶନ୍ - ହକି ଇଣ୍ଡିଆ ଲିଗ୍ -୨୦୨୪-୨୫ ର ପ୍ରସାରଣ୍ ସହଯୋଗୀ ହେଇଛେ । ଇ ବଛର୍ ହକି ଇଣ୍ଡିଆ ଲିଗ୍ ୨୮ ଡିସେମ୍ବରନୁ ମୁଲ୍ ହେବାର୍‌କେ ଯାଉଛେ । ହକି ଇଣ୍ଡିଆ ଲିଗର ଇ ଖେପେ ୮ ଟା ପୁରୁଷ ଦଲ୍ ସହେତେ ୪ ଟା ମହିଲା ଦଲ୍ ଭାଗ୍ ନେବେ । ଦୂର୍‌ଦର୍ଶନ୍ ସାଙ୍ଗେ ସହଭାଗି ହେବାର୍ ଉଧେ ହକି ଇଣ୍ଡିଆ ଲିଗ୍‌ର ପରିଚାଲନା କମିଟି ଅଧ୍ୟକ୍ଷ ଦିଲ୍ଲୀପ୍ ତିର୍କି ବନେ ଉତ୍ସାହିତ୍ ଥିବାର୍ କହିଛନ୍ ।

ଜନଅଭିଯୋଗ୍ ଶୁଣାଣି          ସିଏମ୍‌ଓ

ଭୁବ୍‌ନେଶ୍ୱର୍ ୟୁନିଟ୍ -୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠ ଠାନେ ଆଏବା ୧୬ ତାରିଖ୍ ସୋମ୍‌ବାର୍ ଦିନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ହେବା । ଗଲା ଅକ୍ଟୋବର୍ ମାସ ୨୮ ତାରିଖ୍‌ଥି ଅଭିଯୋଗ୍ କର୍‌ବାର୍ ଲାଗି ଯେନ୍‌ମାନେ ଆଘୋନୁ ପଞ୍ଜିକରଣ୍ କରିଥିଲେ ସେମାନ୍‌କର୍ ଖାଲି ଶୁଣାଣି ହେବା ।  ଇଥିର୍‌ଲାଗି ଫେର୍‌ଘାଏ ପଞ୍ଜିକରଣ୍ କର୍‌ବାର୍‌କେ ନାଇଁ

ପଡ଼େ । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜିଲ୍ଲା ଆପାତକାଲୀନ୍ ଗୋଷ୍ଠୀ ବୈଠକ ସୁବର୍ଣ୍ଣପୁର୍

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଭିନ୍ ଭିନ୍ କାର୍‌ଖାନା ଆଉ ଜିଲ୍ଲା ଭିତର୍ ଦେଇକରି ନିଆଅନା କରାଯାଉଥିବା ବିସ୍ଫୋରକ ସାମଗ୍ରୀ ଆଉ କେମିକାଲ୍ ନେଇକରି ଯାଉଥିବା ଗାଡ଼ିମଟର୍‌ଥି କେନ୍‌ସି ପ୍ରକାର୍ ଜରୁରୀ ପରିସ୍ଥିତିର୍ ମୁକାବିଲା ଲାଗି ଜିଲ୍ଲା ଆପାତକାଲୀନ୍ ଗୋଷ୍ଠୀ ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ରାଜେନ୍ଦ୍ର ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଶିଳ୍ପ ସଂସ୍ଥାମାନ୍‌କେ ବେଭାର୍ କରାଯାଉଥିବା ରାସାୟନିକ୍ ଜିନିଷ୍ ଲିକ୍ ହେବାର୍ ଆଉ ପରିବହନ୍ ସମିଆଥି ଆପାତକାଲୀନ ପରିସ୍ଥିତି ସୃଷ୍ଟି ହେଲେ ତାର୍ ପରିଚାଲନା ଲାଗି କେନ୍ ବିଭାଗ୍ କାଏଁ କାମ୍ କର୍‌ବା ସେ ବାବ୍‌ଦେ ଆଲୋଚନା ହେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ସାରା ରାଏଜେ ଥଣ୍ଡା ବଢ଼ିଛେ । ଆଘର୍ ରାତିନୁ ରାଏଜେ ୧ ନୁ ୩ ଡିଗ୍ରୀ ସେଲ୍‌ସିଅସ୍ ତାପମାତ୍ରା କମିଛେ । ଜି.ଉଦୟଗିରି ନ ୧୦ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରିକରି ରାଜ୍ୟର୍ ସବୁନୁ କମ୍ ତାପମାତ୍ରା ଥିଲା । ୨୦ ତାରିଖ୍ ଉତ୍‌ରୁ ରାଏଜେ ଥଣ୍ଡା ବଢ଼ିପାରେ ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ ।